## ସଂକ୍ଷେପରେ

### ପୁରସ୍କୃତ ହେବ କୋରାପୁଟ, କସଣ୍ଡି

ଜୟପୁର,୧୮।୧୨(ନି.ପ୍ର.): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ନେଇ କେନ୍ଦ୍ର ସରକାର ଦେଶର ବିଭିନ୍ନ ଜିଲା, ବ୍ଲକ ଓ ପଞ୍ଚାୟତକୁ ପୁରସ୍କୃତ କରିଥାନ୍ତି। ୨୦୧୮ ପାଇଁ କେନ୍ଦ୍ରର ଏକ ଦଳ କୋରାପୁଟ ଜିଲାକୁ ଆସି କାର୍ଯ୍ୟ ଅନୁଧ୍ୟାନ କରି ଫେରିଥିଲେ। ଉପରୋକ୍ତ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କୋରାପୁଟ ଜିଲା ଦେଶରେ ଷଷ୍ଠ ସ୍ଥାନ ଅଧିକାର କରିଛି। ଉକ୍ତ ଯୋଜନା ମାଧ୍ୟମରେ କ୍ଷୁଦ୍ର ଜଳସେଚନ ନିର୍ମାଣ କରି ଜିଲାର ନନ୍ଦପୁର ବ୍ଲକ କସଣ୍ଡି ପଞ୍ଚାୟତ ଦେଶରେ ଦ୍ୱିତୀୟ ସ୍ଥାନ ପାଇଛି। ଗୁରୁବାର ପୁରସ୍କାର ଗ୍ରହଣ କରିବା ପାଇଁ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ସଂଯୋଜକ ଜୟନ୍ତ ନାୟକ, ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ସିଆଲ, ଏପିଓ ସୌମେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ମୀନକେତନ ଦାସ, ସରପଞ୍ଚ ରଘୁନାଥ ଖରା, ପିଇଓ ଡମ୍ବରୁ ପାଙ୍ଗୀ ଓ ଜିଆରଏସ୍ ଶିବ ନାରାୟଣ ପାତ୍ର ଦିଲ୍ଲୀ ଗସ୍ତ କରିଛନ୍ତି।

### ଦୁଇ ବାଇକ୍ ଧକ୍କା, ୪ ଆହତ

ପଟ୍ଟାଙ୍ଗି,୧୮।୧୨(ଡି.ଏନ୍.ଏ.): ପଟ୍ଟାଙ୍ଗି ଥାନା ସିପାଇପୁଟ ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛନ୍ତି। ଏଥିରେ ୩ ପୁରୁଷ ଓ ଜଣେ ମହିଳା ଆହତ ହୋଇଛନ୍ତି। ଦେଢ଼ବର୍ଷର ଶିଶୁ ବର୍ତ୍ତିଯାଇଛନ୍ତି। ମାଳିପୁଟ ପଞ୍ଚାୟତ ସିନ୍ଧେଇ ଡୁମୁରିଗୁଡ଼ା ଗ୍ରାମର ଚମ୍ପୀ ବଲୁ ଓ ଚମ୍ପୀ ଗୁରୁବାରୀ ବାଇକ୍ (ଓଡି୧୦ ଏଚ୍ ୨୮୨୩)ରେ ଝିଅ-ଜ୍ୱାଇଁ ରହୁଥିବା ଗାଙ୍ଗରାଜପୁର ପଞ୍ଚାୟତ ନିଲାମପାଡୁରୁ ଫେରୁଥିଲେ। ଏହି ସମୟରେ ସୁଙ୍କି ପଞ୍ଚାୟତ କନ୍ଦଗୁଡ଼ା ଗ୍ରାମର ପିଯୁ ଖରା ଓ ତାଙ୍କ ପୁଅ ଲିପୁନ ଖରା ବାଇକ୍ (ଏପି୩୧ ବିଭି ୪୭୧୭)ରେ କୁନ୍ଦୁଲି ହାଟପଦାରୁ ଧାନ ବିହନ କିଣି ଫେରୁଥିଲେ। ସିପାଇପୁଟ ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିରେ ଥିବା ୪ ଜଣ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚମ୍ପୀ ଗୁରୁବାରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପିଯୁ ଖରାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏସ୍ଆଇ ଗୋଲକ ପଟ୍ଟନାୟକ ଦୁର୍ଘଟଣାସ୍ଥଳରୁ ୨ଟି ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ

ତେନ୍ତୁଳିଖୁଣ୍ଟି, ୧୮।୧୨(ଡି.ଏନ.ଏ.): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର କଂଗ୍ରା ଗ୍ରାମପଞ୍ଚାୟତର ଦିବ୍ୟାଙ୍ଗ ସୋମନାଥ ସୌରାକୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ସୋମନାଥ ବ୍ଲକକୁ ନିଜର ସମସ୍ୟା ଜଣାଇବାକୁ ଆସିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡମ୍ବୁରଧର ଭତ୍ରା, ବିଏସଓ ବଳରାମ ସୁନାଙ୍କ ସହ କଥାବାର୍ତ୍ତା ହୋଇ ତତ୍କାଳ ଏକ ଟ୍ରାଇ ସାଇକେଲ ତାଙ୍କୁ ପ୍ରଦାନ କରିଛନ୍ତି ।

# ଜାଲ୍ ଭାଗଚାଷୀଙ୍କ ନାଁରେ ଧାନ ବିକ୍ରି

ଜୟପୁର,୧୮।୧୨(ଡି.ଏନ୍.ଏ./ନି.ପ୍ର.)



ବାର୍ଲାହାଣ୍ଡି ଗ୍ରାମରେ ତଦନ୍ତ କରୁଛନ୍ତି ଯୁଗ୍ମ ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀ।

ଚାଷୀ ଧାନ ବିକିବା ପାଇଁ ରାଜ୍ୟ ସରକାର ଟୋକନ ବ୍ୟବସ୍ଥା କରିଥିବା ବେଳେ ସେଥିରେ ଜାଲ୍ ଭାଗଚାଷୀ ନାମ ପଞ୍ଜିକରଣ କରି ଲକ୍ଷାଧିକ ଟଙ୍କାର ଧାନ ବିକିଛନ୍ତି। ଜୟପୁର ବ୍ଲକ ଫାମ୍ପୁଣି ପଞ୍ଚାୟତରୁ ଏଭଳି ଅଭିଯୋଗ ପାଇବା ପରେ ରାଜ୍ୟ ଖାଉଟି ଓ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅଜିତ ପାତ୍ର ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଯୁଗ୍ମ ନିର୍ଦ୍ଦେଶକ ପାତ୍ର ଗତ ୨ଦିନ ହେବ ଫାମ୍ପୁଣି ପଞ୍ଚାୟତର ସଦର, ବାର୍ଲାହାଣ୍ଡି, ଘିଉରୀ ଗ୍ରାମରେ ପହଞ୍ଚି ଉଲ୍ଲେଖ ଥିବା ଭାଗଚାଷୀଙ୍କ ନାମ ଯାଞ୍ଚ କରିଥିଲେ। ସେହିପରି ଭାଗଚାଷୀମାନଙ୍କୁ ପୃଥକ୍ ଭାବେ ମଧ୍ୟ ଭେଟିଥିଲେ। ଗତ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ନିର୍ଦ୍ଦେଶକ ପାତ୍ର ଯାଞ୍ଚ କରିବା ବେଳେ ୪୦ ଜଣ ଭାଗଚାଷୀଙ୍କ ମଧ୍ୟରୁ ୧୪ଟି ଜାଲ୍ ବୋଲି ଜଣାପଡ଼ିଥିଲା। ସରପଞ୍ଚ ପ୍ରତିମା ନାୟକ ସମସ୍ତ କାଗଜପତ୍ରରେ ସ୍ୱାକ୍ଷର ଇଂରାଜିରେ କରୁଥିବା ବେଳେ ଏଥିରେ ଓଡ଼ିଆ ସ୍ୱାକ୍ଷର ଥିଲା। ସେହିପରି ସିଲ

## ତଦନ୍ତ କଲେ ଯୁଗ୍ମ ନିର୍ଦ୍ଦେଶକ

ମଧ୍ୟ ଜାଲ୍ ଥିଲା। ୧୧ଟିରେ ନିଜେ ପ୍ରତିମା ନାୟକ ସ୍ୱାକ୍ଷର କରିଛନ୍ତି । ଅନ୍ୟପକ୍ଷରେ ୯ଟି ନାମରେ ପଞ୍ଚାୟତରେ କୌଣସି ଭାଗଚାଷୀ ନାହାନ୍ତି। ବୁଧବାର ବାର୍ଲାହାଣ୍ଡି ଓ ଘିଉରୀ ଗ୍ରାମର ଭାଗଚାଷୀ ଓ ଜମି ମାଲିକଙ୍କୁ ଭେଟିବା ସହ କାଗଜପତ୍ର ଯାଞ୍ଚ କରିଥିଲେ ଯୁଗ୍ମ ନିର୍ଦ୍ଦେଶକ। ଗତ ୨ ବର୍ଷରେ ଖରିଫ୍ ଓ ରବିଋତୁରେ ୪ ଥର ଉତ୍ପାଦିତ ୧୬ ହଜାର କୁଇଣ୍ଟାଲ ଧାନ ଜାଲ୍‌ରେ ବିକ୍ରି କରାଯାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ କେତେକ ସ୍ଥାନୀୟ ଚାଷୀନେତା ବୋଲାଉଥିବା ଦଲାଲ ଓ ମିଲ୍ ମାଲିକ ସାମିଲ ଥିବା ସନ୍ଦେହ ସୃଷ୍ଟି ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବା ସହ ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି । ବୁଧବାର ଏହି ତଦନ୍ତ ବେଳେ ଏଆରସିଏସ୍ ଅଶୋକ ଭଞ୍ଜମିଶ୍ର, ଏସିଏସ୍ଓ ରବି ନାରାୟଣ ନନ୍ଦ ଓ ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ଉପସ୍ଥିତ ଥିଲେ।

# ୩୭ କାର୍ଯ୍ୟ ସ୍ଥଗିତ ରଖିଲା ଆଇଟିଡିଏ

ଜୟପୁର,୧୮।୧୨(ଡି.ଏନ୍.ଏ.)

ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଗତ ୨୯ ତାରିଖରେ ଉନ୍ନୟନ କାର୍ଯ୍ୟ ପାଇଁ ଆହ୍ୱାନ କରିଥିବା ୧୫୬ଟି କାର୍ଯ୍ୟ ମଧ୍ୟରୁ ୩୭ଟି ସ୍ଥଗିତ ରଖିଛି। ଜୟପୁର ଉପଖଣ୍ଡର ସଦର, ବୈପାରୀଗୁଡ଼ା, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା ବ୍ଲକରେ ଆହ୍ୱାନ ଟେଣ୍ଡର ମଧ୍ୟରୁ ୧୧ଟି କାର୍ଯ୍ୟ ବିଦ୍ୟୁତ ସଂଯୋଗୀକରଣ ଏବଂ ୨୬ଟି ନଳକୂପ ଖନନ ଓ ପାଇପ ଲାଇନ ସଂଯୋଗ ପାଇଁ ରହିଥିଲା। ଏଥିପାଇଁ ଇଲେକ୍ଟ୍ରିକାଲ, ନଳକୂପ ଖନନ ଓ ପାଇପଲାଇନ ସଂଯୋଗୀକରଣ ନିମନ୍ତେ ବିଭାଗୀୟ ଲାଇସେନ୍ସ ଠିକାଦାରଙ୍କ ବଦଳରେ ସିଭିଲ ଠିକାଦାରଙ୍କୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଭଳି ଅଜବ ନୀତି ପାଇଁ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଏହାର ତୁରନ୍ତ ଯାଞ୍ଚ କରି ୩୭ଟି କାର୍ଯ୍ୟକୁ ସୋମବାର ସ୍ଥଗିତ ରଖିଛି ବିଭାଗ। ଆଇଟିଡିଏ ସହକାରୀ ଯନ୍ତ୍ରୀ ପ୍ରଭାକର ଦାଶ କହିଛନ୍ତି, ଟେଣ୍ଡର ଆହ୍ୱାନରେ ବୈଷୟିକ ସମସ୍ୟା ଓ କାର୍ଯ୍ୟରେ ଉଲ୍ଲେଖ ନେଇ ସାମାନ୍ୟ ତ୍ରୁଟି ରହିଥିଲା। ତେଣୁ ଏହାକୁ ସ୍ଥଗିତ ରଖାଯାଇଛି । ସୁଧାରିବା ପରେ ଟେଣ୍ଡର ଆହ୍ୱାନ କରାଯିବ।

# କାର୍, ୫୮ କେଜି ଗଞ୍ଜେଇ ଜବତ

## ରାଜ୍ୟ ବାହାର ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବୈପାରୀଗୁଡ଼ା,୧୮।୧୨(ଡି.ଏନ୍.ଏ.)



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ବୈପାରୀଗୁଡ଼ା ପୋଲିସ ବୁଧବାର ଏକ ହ୍ୟୁଣ୍ଡାଇ କାର୍‌ରୁ ୫୮ କିଲୋ ଗଞ୍ଜେଇ ଜବତ କରିବା ଗାଡ଼ିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଲକ୍ଷ୍ମୀପୁର ଛକରେ ମାଲକାନଗିରି ପଟୁ ଆସୁଥିବା ଏକ ହ୍ୟୁଣ୍ଡାଇ କାର (ଡିଏଲ୍-୪ସି-ଏଚ୍-୦୩୯୦) ଧରାପଡ଼ିଥିଲା। ଯାଞ୍ଚ ବେଳେ ଗାଡ଼ି ଡିକିରୁ ୩ଟି ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଏଥିରେ ଦିଲ୍ଲୀର ମହମ୍ମଦ ଆୟୁବ (୩୨), ଶେରଦିନ (୨୫) ଓ ଉତ୍ତରପ୍ରଦେଶର ମହମ୍ମଦଙ୍କୁ ଗିରଫ କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସଞ୍ଜିବ ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ସିଲ୍ କରାଯାଇଥିଲା। ଏହି ଗଞ୍ଜେଇ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରୁ ଦିଲ୍ଲୀକୁ ଚାଲାଣ ହେଉଥିଲା। ଏସ୍ଆଇ ସମେଶ ଦେବତାଙ୍କ ନେତୃତ୍ୱରେ ଉକ୍ତ ଚଢ଼ାଉ ହୋଇଥିବା ବେଳେ ଥାନା ଅଧିକାରୀ ମହେନ୍ଦ୍ର ସାହୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

■ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ପୁଣି କାର୍ଯ୍ୟବନ୍ଦ କଲେ ଆଇନଜୀବୀ




କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ଆଇନଜୀବୀ।

ଜୟପୁର,୧୮।୧୨(ନି.ପ୍ର.)

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପୁଣି ୫ ଦିନ କାର୍ଯ୍ୟବନ୍ଦ କରିଛି। ଗତ ଡିସେମ୍ବର ୪ରୁ ଦୀର୍ଘ ୧୧ ମାସ ଧରି ଆନ୍ଦୋଳନ ଚଳାଇଥିଲେ ଆଇନଜୀବୀ। ତେବେ ଏହି ଆନ୍ଦୋଳନରେ ଆଇନ ଅମାନ୍ୟ କରିଥିବା ଦର୍ଶାଇ ମାମଲା ରୁଜୁ ସହ ଓକିଲ ସଂଘ ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ କରିଥିଲେ ହାଇକୋର୍ଟ। ସୁପ୍ରିମକୋର୍ଟ ଓ ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିବା ପରେ ଆନ୍ଦୋଳନ ବନ୍ଦ କରାଯାଇଥିଲା। ତେବେ ଜିଲା ଡମ ସଂଗଠନର ଲିଖିତ ଅନୁରୋଧ ପରେ ବୁଧବାରରୁ ୫ ଦିନ ବ୍ୟାପୀ ପୁନର୍ବାର ଆନ୍ଦୋଳନ ଆରମ୍ଭ କରିଛନ୍ତି ଓକିଲ। ଜୟପୁର, କୋଟପାଡ଼, ସେମିଳିଗୁଡ଼ା, କୋରାପୁଟ, ଲକ୍ଷ୍ମୀପୁର, ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡିରେ ଏହି ଆନ୍ଦୋଳନ କରାଯାଇଛି। ଏଥିରେ ତହସିଲ, ରେଜିଷ୍ଟ୍ରାର ଅଫିସ୍ ବନ୍ଦ ରହିଛି।

### ମହୁମାଛି ଆକ୍ରମଣରେ ୩ ଛାତ୍ରୀ ଆହତ

ସେମିଳିଗୁଡ଼ା,୧୮।୧୨(ସ୍ୱ.ପ୍ର.)

ସେମିଳିଗୁଡ଼ା ମହାବିଦ୍ୟାଳୟରେ ବୁଧବାର ଅପରାହ୍ନ ଗୋଟାଏ ସମୟରେ ଛାତ୍ରୀଛାତ୍ର କ୍ଲାସ୍ ସାରି ଘରକୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ୩ ଜଣ ଛାତ୍ରୀ ଆହତ ହୋଇଥିବା ବେଳେ ଜଣେ ଛାତ୍ରୀ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଛାତ୍ରୀ ଜଣକ ହେଲେ ଯୁକ୍ତ ତିନି ପ୍ରଥମ ବର୍ଷ ବିଜ୍ଞାନର ଶାଳିମା କନ୍ଧପାନ। ସେମିଳିଗୁଡ଼ା ତଳସାହିରେ ସମ୍ପର୍କୀୟଙ୍କ ଘରେ ରହି ସେ ପାଠ ପଢୁଥିଲେ। ମହୁମାଛି ଆକ୍ରମଣ କରୁଥିବା ଦେଖି ଅନ୍ୟ ଜଣେ ଛାତ୍ରୀ ବର୍ଷାରାଣୀ ରାଉତ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରିନ୍ସିପାଲ କାବେରୀ ବିଶ୍ୱାଳ, ନୀଳାଞ୍ଚଳ ଆଚାର୍ଯ୍ୟ ଓ ଶେଷଦେବ ମିଶ୍ର ସେଠାରେ ପହଞ୍ଚି ଛାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ସୁନାବେଡ଼ା ମ୍ୟୁନିସପାଲିଟି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ଛାତ୍ରୀଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବିଜେଡିର ମିଶ୍ରଣ ପର୍ବ

ଗୁଣପୁର,୧୮।୧୨(ଡି.ଏନ୍.ଏ.)

ଗୁଣପୁର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ପଣ୍ଡାଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଥିଲା। ଠିକାଦାର ରାମ ପଣ୍ଡା, ପୂର୍ବତନ କାଉନସିଲର ଉଦୟ ବାଉରୀ, ପ୍ରଭାକର ବାଙ୍ଗାରୀ, ଭାଜପାର ଶିବ ପ୍ରସାଦ ଗୌଡ ବିଜେଡିରେ ମିଶିଥିଲେ। ହେମନ୍ତ ଦଣ୍ଡସେନା, ପିଣ୍ଟୁ ପାତ୍ର, ଶିବ ପ୍ରସାଦ ଦଣ୍ଡସେନା ଦଳରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଦେବେନ୍ଦ୍ର ଚୌଧୁରୀ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଗଗନ ଆଚାର୍ଯ୍ୟ, ଗୋଦାବରୀ ରାଉତ, ରତନ ଜୈନ,ଦେବୀ ଆଚାର୍ଯ୍ୟ, ମୁନା ପାଣି, ପିଙ୍କୁ ପଣ୍ଡା ଉପସ୍ଥିତ ଥିଲେ।

# ଭତରା ବିକାଶ ପରିଷଦର ସାଙ୍ଗଠନିକ ବୈଠକ

ନବରଙ୍ଗପୁର,୧୮।୧୨(ବି.ପ୍ର.)

ଅଖିଳ ଭାରତୀୟ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଭତରା ଭବନ ଠାରେ ଏକ ସାଙ୍ଗଠାନୀକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନବରଙ୍ଗପୁର ବ୍ଲକର ୧୩ଟି ପଞ୍ଚାୟତ ଭତରା ସମାଜର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଜିଲା ସଭାପତି ଅର୍ଜ୍ଜୁନ ଭତରାଙ୍କ ଦ୍ୱାରା ବୈଠକ ପରିଚାଳିତ ହୋଇଥିଲା । ନବରଙ୍ଗପୁର ବ୍ଲକର ସଙ୍ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକ ପରେଏକ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ମନୁ ଦିଶାରି, ସଭାନେତ୍ରୀ କହ୍ନେଇ ଭତରା, ସମ୍ପାଦକ ଲଛମନ ଭତରା, ସହ ସମ୍ପାଦକ ଚନ୍ଦ୍ରବତୀ ନାୟକ, କୋଷାଧ୍ୟକ୍ଷ ସଦନ ନାୟକ, ଉପଦେଷ୍ଟା କନକ ଦେଇ ଭତରା ରହିଛନ୍ତି । ସଭ୍ୟ ଭାବେ ଧନସିଂ ନାୟକ, ନରହରି ମାଝୀ, ମୋତିରାମ ଭତରା, କମଲୁ ଭତରା, ରମେଶ ଭତରା, କହ୍ନେଇ ମାଝୀ, ନାରାୟଣ ଭତରା, ଗୁରୁବାରୁ ଭତରା, ରାଦାମୋହନ ମାଝୀ, ପୁରନ୍ଧର ଭତରା, ସିମାଂଚଳ ମାଝୀ ରହିଛନ୍ତି । ଏହି ବୈଠକରେ କେନ୍ଦ୍ରୀୟ କମିଟିର କୋଷାଧ୍ୟକ୍ଷ ଦାମୋଦର ପୂଜାରୀ, କର୍ମଚାରୀ ସଂଘର ସଭାପତି ଅନନ୍ତ ରାମ ନାୟକ, ଜନଜାତି ସୁରକ୍ଷା ମଞ୍ଚର ସମ୍ପାଦକ ରତନ ମାଝୀ, ଚନ୍ଦ୍ର ସହ ସମ୍ପାଦକ ପ୍ରଭାକର ପୂଜାରୀ, ରାମ ସିଂ ପୂଜାରୀ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ, ଜିଲାପରିଷଦ ସଭ୍ୟ ବେଦବ୍ୟାସ ଭତରା, ନନ୍ଦାହାଣ୍ଡି ବ୍ଲକ ସଭାପତି ହରି ଭତରା, ଜିଲା କମିଟି ସଭଦ୍ୟ ଧନ ଭତରା ସମେତ ବହୁ ସଂଖ୍ୟକ ଉପସ୍ଥିତ ଥିଲେ ।



ଗୁଣପୁରରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ନେତା ଓ କର୍ମୀ।

# ଜୁନିୟର ରେଡକ୍ରସ ତାଲିମ ଶିବିର ଉଦଘାଟିତ

ତେନ୍ତୁଳିଖୁଣ୍ଟି, ୧୮।୧୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟିସ୍ଥିତ ବାପୁଜୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନିଆ ଜିଲାସ୍ତରୀୟ ଜୁନିୟର ରେଡକ୍ରସ-ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଜୁନିୟର ରେଡକ୍ରସ ସଂଗଠନ ମନୋରଞ୍ଜନ ପ୍ରହରାଜ ଏବଂ ପ୍ରଧାନଶିକ୍ଷକ ଆନନ୍ଦ କୁମାର ଭତ୍ରା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ, ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ, ପୂଜାରୀଗୁଡା ସରପଞ୍ଚ କୁମର ପୂଜାରୀ, ତେନ୍ତୁଳିଖୁଣ୍ଟି ବ୍ଲକ ଶିକ୍ଷା ଅଧିକାରୀ ଟି. ମିନତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଳାରାମ କର୍କରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲାରୁ ମୋଟ ୯୦ଟି ବିଦ୍ୟାଳୟରୁ ଜୁନିୟର ରେଡକ୍ରସର କ୍ୟାଡେଟ ଏହି ଶିବିରରେ ଯୋଗ ଦେଇଛନ୍ତି । ଯୋଗ, ସ୍ୱଚ୍ଛତା ଶିକ୍ଷା, ରକ୍ତଦାନର ଉପକାରିତା, ପ୍ରାଥମିକ ଚିକିତ୍ସା , ଫାୟାର ସେଫ୍ଟି ପରିଚାଳନା, ଟ୍ରାଫିକ ପରିଚାଳନା ଆଦି ଶିକ୍ଷା ସହ ରେଡକ୍ରସର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯିବା କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟେକ ଦିନ ୩ଟି ପର୍ଯ୍ୟାୟରେ ଶିବିର ପରିଚାଳିତ ହେଉଛି। ୨୦ତାରିଖରେ ଶିବିର ଶେଷ ହେବ । କାର୍ଯ୍ୟକ୍ରମ ପରିଚାଳନାରେ ରବୀନ୍ଦ୍ର ନାଥ ପରିଡା, ରବୀନ୍ଦ୍ର ନାଥ ମୁଦୁଲି, ପ୍ରଭାତ କୁମାର ପଟ୍ଟନାୟକ, ପରେଶ ମହାପାତ୍ର, ନଳିନୀ ମହାପାତ୍ର ସହଯୋଗ କରିଛନ୍ତି।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଋଣ ସଂଯୋଗୀକରଣ ସଚେତନତା

ପଟ୍ଟାଙ୍ଗି,୧୮।୧୨(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ସୁଙ୍କି ଲ୍ୟାମ୍ପ କାର୍ଯ୍ୟାଳୟରେ ଏମ୍‌ଡି ଶ୍ରୀନିବାସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏସ୍ଏଚ୍‌ଜି ଓ ଯୁଗ୍ମ ଦେୟ ଗୋଷ୍ଠୀଙ୍କ ପାଇଁ ଋଣ ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ କରୁଣାକର ପ୍ରଧାନ ଏହାକୁ ଉଦ୍‌ଘାଟନ କରି ଉପସ୍ଥିତ ଏସ୍ଏଚ୍‌ଜି ମହିଳାଙ୍କୁ ଲ୍ୟାମ୍ପ ଓ ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ କୋ-ଅପରେଟିଭ କମିଟି ମ୍ୟାନେଜମେଣ୍ଟ ଅଧ୍ୟକ୍ଷ ସଞ୍ଜୟ ପାତ୍ର ଯୋଗ ଦେଇଥିଲେ। ଭିଏଏସ୍ ନିର୍ମଳା ମାଝି କୁକୁଡ଼ା ପାଳନଠାରୁ ଆରମ୍ଭ କରି ଗାଈ ଓ ଛେଳିଚାଷ ଓ ଏଥିରୁ ରୋଜଗାର ଉପରେ ବୁଝାଇଥିଲେ। ସେହିପରି କୃଷି ବିଭାଗର ଗୋପୀନାଥ ଡୁମାରି ଧାଡ଼ିରୁଆରେ ଧାନଚାଷଠୁ ଆରମ୍ଭ କରି ମାଣ୍ଡିଆ ଚାଷ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଲ୍ୟାମ୍ପ ସଭାପତି ସୁବାସ ଗାଲୁଙ୍କୁ ବୋଇ ଧାନ ମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେସିସି ବ୍ୟାଙ୍କର ଅବସରପ୍ରାପ୍ତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ଲ୍ୟାମ୍ପ ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁ, ରାଜସ୍ୱ ନିରୀକ୍ଷକ ଭାସ୍କର ଗମାଙ୍ଗ, ବ୍ଲକ ସହକାରୀ ଯନ୍ତ୍ରୀ ସଞ୍ଜୟ କେସପଟାଙ୍କ ସମେତ ସୁଙ୍କି ଲ୍ୟାମ୍ପର ୧୩ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଆଧାର ନ ଥାଇ ଅଭାବରେ ଶଢୁଛି ଆଦିବାସୀ ପରିବାର

## ପରିବାର ମଙ୍ଗଳ ଯୋଜନା ଅନୁଦାନ, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାଶନ ସାମଗ୍ରୀରୁ ବଞ୍ଚିତ

ବୈପାରୀଗୁଡ଼ା,୧୮।୧୨(ଡି.ଏନ୍.ଏ.)



ଦହନାଙ୍କ ପରିବାର।

ବୈପାରୀଗୁଡ଼ା ବ୍ଲକ ତଥା ସଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅମଳାଭଟ୍ଟା ଗ୍ରାମ ଦହନା ମାଝି (୩୫)। ଶ୍ୱଶୁର ଲଛମନ ମାଝି (୭୦) ଓ ୫ ପିଲାଙ୍କୁ ନେଇ ଦହନାଙ୍କ ପରିବାର। ୭ ବର୍ଷ ତଳେ ଦହନାଙ୍କ ସ୍ୱାମୀ ରାମଚନ୍ଦ୍ର ମାଝିଙ୍କ ଅକାଳ ବିୟୋଗ ହୋଇଥିଲା। ସରକାରୀ ନିୟମ ଅନୁସାରେ ମୃତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ବିଭାଗ ମୃତ୍ୟୁ ପ୍ରମାଣପତ୍ର ଦେବା କଥା। କିନ୍ତୁ ଏ ସଂପର୍କରେ ସଚେତନ ନ ଥିବା ଦହନା ଏହି ପ୍ରମାଣପତ୍ର ଖଣ୍ଡକ ଯୋଗାଡ଼ କରିପାରି ନାହାନ୍ତି। ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ବି ବିଧବା ଭତ୍ତା ତଥା ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଶ୍ୱଶୁର ଲଛମନ ମାଝି ବାରମ୍ବାର ଆଧାର କାର୍ଡ ପାଇଁ ଆବେଦନ କରୁଛନ୍ତି। କିନ୍ତୁ କୌଣସି କାରଣରୁ ତାହା ଖାରଜ ହୋଇଯାଉଛି। ଆଧାର କାର୍ଡ ନ ଥିବାରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଅଥବା ରାଶନ ଚାଉଳ ମିଳୁନାହିଁ। ଭୂମିହୀନ ଥିବା ଏହି ପରିବାର ବହୁ ଦୁଃଖକଷ୍ଟରେ ଚଳୁଛି। ଦହନା ବାହାରେ କୁଲି କରି ଯାହା ରୋଜଗାର କରୁଛନ୍ତି, ସେତିକିରେ ପରିବାରର ଭରଣପୋଷଣ କଷ୍ଟକର ହୋଇପଡୁଛି। ଉକ୍ତ ପରିବାରକୁ ପ୍ରଶାସନ ତୁରନ୍ତ ସରକାରୀ ସୁବିଧା ସୁଯୋଗ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଡିସେମ୍ବର ୧୯ /୨୦୧୯ Rayagada, Thursday, December 19 / 2019

### ଖଇରପୁଟ ବିଡିଓଙ୍କ ବଦଳି ନେଇ ତାତିଲେ ଲୋକ ପ୍ରତିନିଧି

# ବ୍ଲକ କାର୍ଯ୍ୟାଳୟରେ ପକାଇଲେ ତାଲା

**ମାଲକାନଗିର/ଖଇରପୁଟ, ୧୮।୧୨(ଡି.,ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ବହୁ ସଂଖ୍ୟାରେ ଆଦିବାସୀ ମହିଳାପୁରୁଷ ଘେରାଉ କରି ବିଡିଓ ବିଶ୍ୱଜିତ ବର୍ମନଙ୍କ ବଦଳି ଦାବି କରିଛନ୍ତି। କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସେମାନେ କାର୍ଯ୍ୟାଳୟରେ ତାଲା ପକାଇଦେଇଛନ୍ତି। ପଞ୍ଚାୟତ ସମିତି ଅଧକ୍ଷା କୁମୁଦିନୀ କିର୍ସାନିଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ, ଜିଲା ପରିଷଦ ସଭ୍ୟ, ୱାର୍ଡମେମ୍ବର ପ୍ରମୁଖ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବିଡିଓଙ୍କ ବଦଳି ନ ହେବା ଯାଏ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଅଧକ୍ଷା କିର୍ସାନି କହିଛନ୍ତି। ବିଡିଓ ସମସ୍ତ ଲୋକ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପିଏମଏୱାଇ ଯୋଜନାର ହିତାଧିକାରୀଙ୍କଠାରୁ ୫୦୦ ଟଙ୍କା ଏବଂ ଶୌଚାଳୟ ନିର୍ମାଣ ପାଇଁ ୨୦୦ ଟଙ୍କା ଲେଖାଏ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଲିଙ୍କେଜ ଓ ଋଣ ପାଇଁ ୫ ପ୍ରତିଶତ ଅର୍ଥ ଆଦାୟ କରୁଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ବଣ୍ଡା ଜନଜାତିଙ୍କ ଉନ୍ନୟନ ଯୋଜନାରେ ଆସୁଥିବା ଅର୍ଥ ହେରଫେର କରୁଛନ୍ତି। ତାଙ୍କ ଯୋଗୁ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି। କେବଳ ଲୋକ ପ୍ରତିନିଧି ନୁହନ୍ତି କାର୍ଯ୍ୟାଳୟର କର୍ମଚାରୀଙ୍କୁ ମଧ୍ୟ ବିଡିଓ ବର୍ମନ ଦୁର୍ବ୍ୟବହାର କରୁଛନ୍ତି। ତାଙ୍କୁ ଏଠାରୁ ବଦଳି ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନକାରୀ ମୁଖ୍ୟରାସ୍ତା ଅବରୋଧ କରିବା ଯୋଗୁ ଗାଡିମୋଟର ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ଉପଜିଲାପାଳ ରାମେଶ୍ୱର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।



ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ପରେ ଲୋକ ପ୍ରତିନିଧିମାନେ ଜଗି ବସିଛନ୍ତି ।

### ପୂର୍ବପୁରୁଷ କରିଥିବା ଭୁଲ୍ ଆମେ କରିବୁନି

# ଜଙ୍ଗଲ ବନ୍ୟଜନ୍ତୁଙ୍କ ସୁରକ୍ଷା ଆମର ଦାୟିତ୍ୱ

**ମାଲକାନଗିରି, ୧୮।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ପୂର୍ବରୁ ଆଦିମ ଅଧିବାସୀମାନେ ବଣ ଜଙ୍ଗଲରେ ରହି ନିଜର ଜୀବିକା ନିର୍ବାହ ପାଇଁ ପୋଡୁଚାଷ କରୁଥିଲେ। ଏଥିପାଇଁ ସେମାନେ ଅନେକ ଜଙ୍ଗଲ କାଟୁଥିଲେ। ଏପରିକି ପାହାଡରେ ଥିବା ଗଛ ମଧ୍ୟ ସେମାନେ କାଟି ଦେଉଥିଲେ। ପରବର୍ତ୍ତୀ ସମୟରେ ମାଲକାନଗିରି ଜିଲାରେ ଶରଣାର୍ଥୀ ଥଇଥାନ, ବାଲିମେଳା ବୃହତ୍ ଜଳଭଣ୍ଡାର, ସତୀଗୁଡା ମଧ୍ୟମ ଜଳଭଣ୍ଡାର, ପୋଟେରୁ କେନାଲ, ବିଦ୍ୟୁତ ଲାଇନ ବିଛେଇବା ଲାଗି ଅନେକ ଜଙ୍ଗଲ ନଷ୍ଟ ହୋଇଛି। ଫଳରେ ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିବା ସହ ଏଥିଯୋଗୁ ଜଙ୍ଗଲ ସମ୍ପଦ ହ୍ରାସ ପାଇବାରେ ଲାଗିଛି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏବେ ବନ ବିଭାଗ ଓ ବନସଂରକ୍ଷଣ ସମିତି ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି। ନିକଟରେ ବିଭିନ୍ନ ସ୍ଥାନରେ ବୈଠକମାନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ବୁଧବାର ସୀମାନ୍ତ ଛତିଶଗଡକୁ ଲାଗିଥିବା ମାଲକାନଗିରି ବନାଞ୍ଚଳ ସାବେରୀ ନଦୀ କୂଳରେ ଅବସ୍ଥିତ ମାଲକାନଗିରି ଜିଲାର ଚମ୍ପାନଗର ବନ ସଂରକ୍ଷଣ ସମିତି ସଭାପତି ଶୁକ୍ରା ମାଡିଙ୍କ ଆହ୍ୱାନରେ ଟିଡିପାଲି ବନ ସଂରକ୍ଷଣ ସମିତି ସଭାପତି ଗାଗରୁ ଦୁରୁଆ, ବର୍ଣ୍ଣିକିଗୁଡା ବନ ସଂରକ୍ଷଣ ସମିତି ସଭାପତି ମଙ୍ଗୁଡୁ କବାସୀ, ଗନ୍ଧିପାଲି ବନ ସଂରକ୍ଷଣ ସମିତି ସଭାପତି ମନୋଜ ପଟ୍ଟନାୟକ, ନୂଆ ବର୍ଣ୍ଣିକି ବନ ସଂରକ୍ଷଣ ସମିତି ସଭାପତି ଡମରୁ ସୋଡି, ଧୌତାଭଟା ବନ ସଂର କ୍ଷଣ ସମିତି ସଭାପତି ରାଜେନ୍ଦ୍ର କବାସୀ, ରେଙ୍ଗାବନ୍ଧ ବନ

ସଂରକ୍ଷଣ ସମିତି ସଭାପତି ରାମଚନ୍ଦ୍ର ଦୁରୁଆ ନିଜ ନିଜ ଅଞ୍ଚଳର ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସଦସ୍ୟଙ୍କୁ ନେଇ ଧୌତାଭଟାରେ ଏକତ୍ରିତ ହୋଇଥିଲେ। ସେମାନଙ୍କ ପୂର୍ବପୁରୁଷମାନେ ଯେଉଁ ଜଙ୍ଗଲ ଧ୍ୱଂସ କରିଥିଲେ ସେହି ଜଙ୍ଗଲକୁ ପୁନରୁଦ୍ଧାର କରିବା ସହ ବନ୍ୟଜନ୍ତୁ ସଂରକ୍ଷଣ କରିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବନ ସଂରକ୍ଷଣ ସମିତିର ଅନୁରୋଧକ୍ରମେ ମାଲକାନଗିରି ସହକାରୀ ବନାଞ୍ଚଳ ଅଧିକାରୀ ଶ୍ରୀକାନ୍ତ ନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ପାତ୍ର, ସୃଷ୍ଟି ସାମାଜିକ ଅନୁଷ୍ଠାନର ଜିଲା ସଂଯୋଜକ ପି. କିଶୋର କୁମାର, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ନାୟକ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ମାଲକାନଗିରି ବନପାଳ ଦିପଙ୍କର ଶିଉଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବନ ସଂରକ୍ଷଣ ସମିତି ସଦସ୍ୟମାନେ ଶପଥ ନେଉଛନ୍ତି।

### ଗଣଶିକ୍ଷା ମନ୍ତ୍ରୀଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

# ଶିକ୍ଷକ କ୍ଲଷ୍ଟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ


ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ପରେ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗ ଦେଇଛନ୍ତି।

**ମାଲକାନଗିରି / ଚିତ୍ରକୋଣ୍ଡା, ୧୮।୧୨ (ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ମାଲକାନଗିରି ଜିଲା ଗସ୍ତରେ ଆସି ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଶିକ୍ଷକ କ୍ଲଷ୍ଟର ସହ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏକ ହେଲିକପ୍ଟର ଯୋଗେ ସେ ବଡ଼ପଡ଼ାସ୍ଥିତ ବିଏସଏଫ କ୍ୟାମ୍ପରେ ପହଞ୍ଚିବା ପରେ ଗ୍ରାମରେ ଏକ ବୈଠକରେ ଯୋଗ ଦେଇଥିଲେ। ପିଲାଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଅଭିଭାବକମାନେ ସଚେତନ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ଆଗାମୀ ଦିନରେ ଏହି ଅଞ୍ଚଳବାସୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନ ପ୍ରଦାନ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । । ପରେ ଶିକ୍ଷକଙ୍କ ରହିବା ପାଇଁ ବଡ଼ପଡ଼ାଠାରେ ଶିକ୍ଷକ କ୍ଲଷ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କ୍ଲଷ୍ଟର କାର୍ଯ୍ୟକ୍ଷମ ହେଲେ ସ୍ୱାଭିମାନ ଅଞ୍ଚଳର ଜନ୍ତାପାଇ, ଯନ୍ତ୍ରୀ, ବଡ଼ପଡ଼ା, ଗାଜଲମାମୁଡ଼ି, ଅଣ୍ଡ୍ରାପାଲି, ପଣସପୁଟ, ସାରକୁବନ୍ଧ, ଯୋଡ଼ାମ୍ବ ଅଞ୍ଚଳର ଛାତ୍ରୀଛାତ୍ରମାନେ ଉପକୃତ ହେବେ। ଏଥିସହ ମନ୍ତ୍ରୀ ଦାଶ ୫୮ଟି ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏଥିପାଇଁ ୮ କୋଟି ୧୭ ଲକ୍ଷ ୭୫ ହଜାର ଖର୍ଚ୍ଚ କରାଯିବ ବୋଲି ସୂଚନା ଦେଇଥିଲେ। ପରେ ଗୁରୁପ୍ରିୟା ସେତୁ ନିକଟରେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ପାୱାରଗ୍ରୀଡ୍ ବୋଟ ଆମ୍ବୁଲାନ୍ସର ଉଦ୍‌ଘାଟନ କରିଥିଲେ । ଶିଳାନ୍ୟାଶ, ଉଦ୍ ଘାଟନ କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଡିଆରଡିଏ ସଭା ଗୃହରେ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସେ ସମୟରେ ସ୍ୱାଭିମାନ ଅଞ୍ଚଳ ପାଇଁ ଦେଇଥିବା ଶହେ କୋଟି ଟଙ୍କାର ସହାୟତା ଅର୍ଥରେ କେଉଁସବୁ କାର୍ଯ୍ୟ ହୋଇଛି ସେନେଇ ଜାଣିବାକୁ ଚାହିଁଥିଲେ । ବିଶେଷ କରି ଏହି ଅର୍ଥରେ ଗମନାଗମନ, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ, ଜଳସେଚନର ଉନ୍ନତି ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ପରେ ମନ୍ତ୍ରୀ ଜିଲା ସଦର ମହକୁମାସ୍ଥିତ ଶିଶୁ ଗୃହ ପରିଦର୍ଶନ କରି ଶିଶୁଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ । ମନ୍ତ୍ରୀଙ୍କ ଗସ୍ତ ଅବସରରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ମାନସ ମାଡ଼କାମି, ଜିଲାପାଳ ମନୀଷ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ରିଷିକେଶ ଡି. ଖିଲାରି, ପାୱାରଗ୍ରୀଡର ମୁଖ୍ୟ ମହାପ୍ରବନ୍ଧକ ଏସ.ରବିନ୍ଦର କୁମାର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କ୍ଷୀରାବ୍ଧି ବେହେରା, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ବିଡିଓ ଲଟିମନ ଖରସେଲ, ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### କନିଷ୍ଠ ଶିକ୍ଷକ ସଂଘର ନୂଆ କର୍ମକର୍ତ୍ତା

**ଚନ୍ଦାହାଣ୍ଡି, ୧୮।୧୨(ଡି.ଏନ୍.ଏ.)–**

ଚନ୍ଦାହାଣ୍ଡି ବ୍ଲକ ମହକୁମାସ୍ଥିତ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ସଂଘର ସଭାପତି ଆଶିଷ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନୂତନ ସଂଘର ସଭାପତି ଭାବେ ଅଭୟ କୁମାର ନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ସାମନ୍ତ ପୂଜାରୀ, କୋଷାଧକ୍ଷ ଭୀଷ୍ମ ଭୋଇଙ୍କୁ ଚୟନ କରାଯାଇଥିଲା। ପୂର୍ବତନ ଉପସଭାପତି ଲକ୍ଷ୍ମୀକାନ୍ତ ନାୟକ, ସମ୍ପାଦକ କପିଳାସ ସୁନାନୀଙ୍କ ସମେତ ତ୍ରିପତି ପ୍ରସାଦ ବିହାରୀ, ଅଜୟ ସୁନାନୀ, ଲକ୍ଷ୍ମୀନାରାୟଣ ପୂଜାରୀ, ବଂଶୀଧର ସାଗର, ଦିପାଞ୍ଜଳୀ ଦାସ, ପୁରନ୍ଦର ପାଲ, ସମ୍ଲେଶ୍ୱରୀ ନାୟକ, ପୁଷ୍ପାଞ୍ଜଳି ପୂଜାରୀ, ମଧୁସୂଦନ ମାଝି, ପରେସ ବାରିକ, ବିନୟ ପଟେଲ ଉପସ୍ଥିତ ଥିଲେ ।

### ଧରିତ୍ରୀ ପ୍ରଭାବ

# ରାମ କବାସୀ ପାଇବେ ଘର

**ପାଣ୍ଡ୍ରିପାଣି, ୧୮।୧୨–**

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ତଳସାହିରେ ରାମ କବାସୀ (୭୦) ଦୀର୍ଘ ୬ ବର୍ଷ ହେଲା ନିଜ ଘରଦ୍ୱାର ନ ଥିବାରୁ ଏକ ଖଜୁରି ଗଛ ତଳେ ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ବରଗଡ ଜିଲା ପଦ୍ମପୁରର ସାମାଜିକ କର୍ମୀ ଦୀପା ବାରିକ ଖବରକୁ ମୁଖ୍ୟମନ୍ତ୍ରୀ ଏବଂ ମାଲକାନଗିରି ଜିଲାପାଳଙ୍କୁ ଟୁଇଟ୍ କରି ରାମଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ମାଲକାନଗିରି ବିଡିଓ ପଦ୍ମଗିରି ଯାଇ ରାମଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ରାମଙ୍କ ସ୍ତ୍ରୀ ମୃତ୍ୟୁବରଣ କରିଥିବା, ତାଙ୍କର କୌଣସି ସନ୍ତାନ ନ ଥିବା, ତାଙ୍କୁ ମାସିକ ୫୦୦ ଟଙ୍କା ଭତ୍ତା ଏବଂ ୧୦ କେଜି ଚାଉଳ ମିଳୁଥିବା ରିପୋର୍ଟରେ ଦର୍ଶାଇଥିଲେ। ଖୁବ୍ ଶୀଘ୍ର ତାଙ୍କୁ ବିଜୁ ପକ୍କାଗୃହ ଯୋଜନାରେ ଏକ ଘର ଯୋଗାଇ ଦେବେ ବୋଲି ବିଡିଓ ଜିଲାପାଳଙ୍କୁ ରିପୋର୍ଟରେ ଅବଗତ କରାଇଛନ୍ତି।




# ଯୋଗାଣ ଅଧିକାରୀଙ୍କୁ ଦାବି ଜଣାଇଲେ ଚାଷୀ


ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

**ପାଣ୍ଡ୍ରିପାଣି, ୧୮।୧୨**

ମାଲକାନଗିରି ବ୍ଲକ ପଦ୍ମଗିରି ଅଞ୍ଚଳର ଶତାଧିକ ଚାଷୀ ବୁଧବାର ଯୋଗାଣ ଅଧିକାରୀଙ୍କୁ ଭେଟି ନିଜ ସମସ୍ୟା ଜଣାଇଛନ୍ତି। ସେମାନେ ଜିଲାପାଳଙ୍କୁ ଭେଟିବା ପାଇଁ ଆସିଥିଲେ। ମାତ୍ର ଜିଲାପାଳ ଗଣଶିକ୍ଷା ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ତାଙ୍କୁ ଭେଟି ନ ପାରି ଯୋଗାଣ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଚାଷୀ ନରସିଂହ ମାଡକାମୀ, ଲକିନାଥ ମାଡି, ପର୍ଶୁରାମ ମାଡକାମୀ, ବିଶୁ କରସ୍ତା ପ୍ରମୁଖ କହିଛନ୍ତି ଯେ, ମଣ୍ଡିରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଦ୍ମଗିରି ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ଲାଗି ପଞ୍ଜୀକୃତ ହୋଇଥିବାବେଳେ ମାତ୍ର ୨ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଅନୁମତି ଆସିଛି। ଫଳରେ ସେମାନଙ୍କ ନିକଟରେ ବହୁ ପରିମାଣରେ ଧାନ ଗଚ୍ଛିତ ରହୁଛି। ଏହି ଧାନକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସେମାନଙ୍କଠାରୁ ଧାନ ସଂଗ୍ରହ ପରିମାଣ ୩ ହଜାର କୁଇଣ୍ଟାଲକୁ ବୃଦ୍ଧି କରିବା ଲାଗି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମଣ୍ଡି ସମସ୍ୟା ନେଇ ବାହାର ରାଜ୍ୟର ବ୍ୟବସାୟୀମାନେ ଫାଇଦା ଉଠାଇବା ଲାଗି ତତ୍ପରତା ପ୍ରକାଶ କରୁଛନ୍ତି। ସେମାନେ ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି ବାହାର ରାଜ୍ୟରେ ଅଧିକ ଦରରେ ଧାନ ବିକ୍ରି କରିବାକୁ ମସୁଧା କରୁଥିବା ଜଣାପଡିଛି। ଫଳରେ ଚାଷୀ ଆଗାମୀ ଦିନରେ କ୍ଷତିରେ ପଡିବା ଆଶାଙ୍କା ପ୍ରକାଶ ପାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

